TPWODL

ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**PRESS RELEASE**

# ଚଳିତ ବର୍ଷା ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିତରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କଲା ଟିପିଡବ୍ଲୁଓଡିଏଲ୍

- *କମ୍ପାନୀର ବିତରଣ କ୍ଷେତ୍ରରେ ୩,୪୨୭ଟି ମଧ୍ୟବର୍ତ୍ତୀ ଖୁଣ୍ଟ ସ୍ଥାପନ କରାଯାଇ ଭିତ୍ତିଭୂମିର ଅଧିକ ସୁଦୃଢ଼ୀକରଣ ।*
- *୧୦ଟି ମୋବାଇଲ୍ ଡିଟିଆର୍, ୧୭ଟି ମ୍ୟାନ୍ ଲିଫ୍ଟର୍ ଓ ୫ଟି ଆସ୍କା ଲାଇଟ୍ ୟୁନିଟ୍ ସହ ଜରୁରୀକାଳୀନ ଟିମ୍ ପ୍ରସ୍ତୁତ ।*

**ବୁର୍ଲା, ୩ ଜୁଲାଇ ୨୦୨୬:** ଚଳିତ ବର୍ଷା ଋତୁରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ସୃଷ୍ଟି ହେବାକୁ ଥିବା ଆହ୍ୱାନ ଗୁଡ଼ିକକୁ ଦୃଷ୍ଟିରେ ରଖି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ **ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍)** ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଅଛି । ଭିତ୍ତିଭୂମିର ଉନ୍ନତୀକରଣ, ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ବ୍ୟାପକ ବର୍ଷାକାଳୀନ ପ୍ରସ୍ତୁତି ମାଧ୍ୟମରେ ବର୍ଷା ଋତୁରେ ନିରବଚ୍ଛିନ୍ନ, ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।

ଚଳିତ ବର୍ଷା ଋତୁରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସ୍ଥିରତା ବଜାୟ ରଖିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମସ୍ତ କାର୍ଯ୍ୟକ୍ଷେତ୍ରରେ ବ୍ୟାପକ ପ୍ରତିଷେଧକ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପନ୍ନ କରାଯାଇଛି । ଏଥିଲାଗି ବିଭିନ୍ନ ୩୩ କେ.ଭି., ୧୧ କେ.ଭି. ଏବଂ ଲୋ-ଟେନସନ୍ ବିଦ୍ୟୁତ୍ ଲାଇନର ଯାଞ୍ଚ, କ୍ଷତିଗ୍ରସ୍ତ ଖୁଣ୍ଟ, ଇନସୁଲେଟର, ଜମ୍ପର ଓ ଅନ୍ୟାନ୍ୟ ଉପକରଣର ପରିବର୍ତ୍ତନ ସହ ବିଦ୍ୟୁତ୍ ଲାଇନ୍ ନିକଟବର୍ତ୍ତୀ ଗଛର ଡାଳ କାଟିବା କାର୍ଯ୍ୟ କରାଯାଇଛି । ଯାହାଦ୍ୱାରା ପ୍ରତିକୂଳ ପାଣିପାଗ ଯୋଗୁଁ ବିଦ୍ୟୁତ୍ ବିଭ୍ରାଟର ସମ୍ଭାବନା ହ୍ରାସ ପାଇପାରିବ।

ସେହିପରି କମ୍ପାନୀ ପକ୍ଷରୁ ସମଗ୍ର କାର୍ଯ୍ୟକ୍ଷେତ୍ରରେ **୩,୪୨୭ଟି ମଧ୍ୟବର୍ତ୍ତୀ ଖୁଣ୍ଟ** ସ୍ଥାପନ କରାଯାଇଛି । ଏହାସହ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମଗ୍ର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ସ୍ୱତନ୍ତ୍ର **ଇଲେକ୍ଟ୍ରିକାଲ୍ ଲିକେଜ୍ ଟେଷ୍ଟିଂ ଡ୍ରାଇଭ୍** କରାଯାଇ ସମ୍ଭାବ୍ୟ ଲିକେଜ୍ ସ୍ଥାନଗୁଡ଼ିକୁ ଚିହ୍ନଟ ଓ ସମାଧାନ କରାଯାଇଛି ।

ବର୍ଷାଜନିତ ବିଦ୍ୟୁତ୍ ବିଭ୍ରାଟର ତୁରନ୍ତ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ସମଗ୍ର କାର୍ଯ୍ୟକ୍ଷେତ୍ରରେ ସ୍ୱତନ୍ତ୍ର ଜରୁରୀକାଳୀନ ଟିମ୍ ମୁତୟନ କରାଯାଇଛି । ସେମାନଙ୍କ ନିକଟରେ ପୋଲ୍, ଟ୍ରାନ୍ସଫର୍ମର, କଣ୍ଡକ୍ଟର, ଇନସୁଲେଟର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ଏହାବ୍ୟତୀତ **୧୦ଟି ମୋବାଇଲ୍ ଡିଟିଆର୍, ୫ଟି ଆସ୍କା ଲାଇଟ୍ ୟୁନିଟ୍ ଏବଂ ୧୭ଟି ମ୍ୟାନ୍ ଲିଫ୍ଟର୍** ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିବା ବେଳେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ମାଧ୍ୟମରେ ସମଗ୍ର ବ୍ୟବସ୍ଥାର ନିରନ୍ତର ତଦାରଖ କରାଯାଉଛି ।

ଏହାସହ ସମ୍ବଲପୁର, ହୀରାକୁଦ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ମା' ଶକ୍ତିନଗର, ପ୍ରଧାନପଡ଼ା, ବୁଢ଼ାରାଜା ହିଲ୍ଟପ୍, ଖେତରାଜପୁର ମାର୍କେଟ୍, ଚିତ୍ରଗୁପ୍ତ, ହୀରାକୁଦର ଚକ୍ରବର୍ତ୍ତୀପଡ଼ା ଏବଂ ଝଙ୍କାରପଡ଼ା, ଜାମଯୋରୀ ଓ ବୈଷ୍ଣବଝୁଲି ଗ୍ରାମରେ ଏକାଧିକ ନେଟୱର୍କ ସୁଦୃଢ଼ୀକରଣ ପ୍ରକଳ୍ପ ସଫଳତାର ସହ ସମ୍ପନ୍ନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଅଧୀନରେ **୭ କିଲୋମିଟରରୁ ଅଧିକ ଇନସୁଲେଟେଡ୍ ଏବି କେବୁଲ୍** ବିଛାଯିବା ସହ ନୂତନ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରାଯାଇଛି ।

ଏହି ସମସ୍ତ ପ୍ରକଳ୍ପ ମାଧ୍ୟମରେ ନିମ୍ନ ଭୋଲଟେଜ୍, ବାରମ୍ବାର ଫ୍ୟୁଜ୍ ସମସ୍ୟା, କ୍ଷତିଗ୍ରସ୍ତ କଣ୍ଡକ୍ଟର ଓ ବିଦ୍ୟୁତ୍ ବିଭ୍ରାଟ ଭଳି ଦୀର୍ଘଦିନର ସମସ୍ୟାର ସମାଧାନ ହୋଇପାରିଛି । ଫଳସ୍ୱରୂପ ଶହ ଶହ ପରିବାର, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ ସଂସ୍ଥା ଉନ୍ନତ ବିଦ୍ୟୁତ୍ ଗୁଣବତ୍ତା, ସ୍ଥିର ଭୋଲଟେଜ୍ ଏବଂ ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବାର ସୁବିଧା ପାଉଛନ୍ତି ।

ଏ ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ **ଶ୍ରୀ ପ୍ରବୀଣ ବର୍ମା** କହିଛନ୍ତି, *"ଆମର ପ୍ରାଥମିକତା ହେଉଛି ଗ୍ରାହକଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବା । ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଆଧୁନିକୀକରଣ, ନିୟମିତ ରକ୍ଷଣାବେକ୍ଷଣ ଓ ସୁଦୃଢ଼ ଜରୁରୀକାଳୀନ ପ୍ରସ୍ତୁତି ମାଧ୍ୟମରେ ଆମେ ଆମର ବିଦ୍ୟୁତ୍ ବ୍ୟବସ୍ଥାକୁ ଆହୁରି ସକ୍ଷମ କରିଛୁ । ଏହା ଫଳରେ ବର୍ଷା ଋତୁରେ ଯେକୌଣସି ବିଭ୍ରାଟର ଶୀଘ୍ର ସମାଧାନ ସହ ଗ୍ରାହକଙ୍କୁ ଉନ୍ନତମାନର ସେବା ପ୍ରଦାନ ସମ୍ଭବ ହେଉଛି ।"*

ଚଳିତ ବର୍ଷା ଋତୁରେ ସମସ୍ତ ଉପଭୋକ୍ତାଙ୍କୁ ସତର୍କ ରହିବାକୁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି । ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର, କ୍ଷତିଗ୍ରସ୍ତ ଖୁଣ୍ଟ କିମ୍ବା ବିଦ୍ୟୁତ୍ ଉପକରଣକୁ ସ୍ପର୍ଶ ନ କରିବା ସହ ବିଦ୍ୟୁତ୍ ସରବରାହ କିମ୍ବା ସୁରକ୍ଷା ସମ୍ବନ୍ଧୀୟ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ **୧୯୧୨** କିମ୍ବା ଟୋଲ୍-ଫ୍ରି ହେଲ୍ପଲାଇନ୍ **୧୮୦୦-୨୦୨୮**ରେ ଯୋଗାଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅପିଲ୍ କରାଯାଉଅଛି ।

**ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ:** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ । ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି ।


| **ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ:** | |
|---|---|
| ରୁଚି ପାଣିଗ୍ରାହୀ<br>କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା<br>**ଇମେଲ୍:**<br>ruchi.panigrahi@tpwesternodisha.com | ପ୍ରବୀର ଶତପଥି<br>ଜନସମ୍ପର୍କ ଅଧିକାରୀ, କର୍ପୋରେଟ୍ ଯୋଗାଯୋଗ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା<br>**ମୋବାଇଲ୍: -** ୯୯୩୭୩୩୦୩୦୩<br>**ଇମେଲ୍:** prabir.satapathy@tpwesternodisha.com |